# Gandhi Peace Prize for the Year 2019 announced

March 22, 2021

## 2019 ବର୍ଷ ପାଇଁ ଗାନ୍ଧୀ ଶାନ୍ତି ପୁରସ୍କାର ଘୋଷିତ

ମାର୍ଚ୍ଚ 22, 2021

2019 ବର୍ଷ ପାଇଁ ଗାନ୍ଧୀ ଶାନ୍ତି ପୁରସ୍କାର ଓମାନର ସ୍ୱର୍ଗୀୟ ମହାରାଜା ସୁଲତାନ କାବୁସ୍ ବିନ୍ ସୟଦ ଅଲ ସୟଦଙ୍କୁ ପ୍ରଦାନ କରାଯିବ। ମହାତ୍ମା ଗାନ୍ଧୀଙ୍କ 125 ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ 1995 ମସିହାରେ ଭାରତ ସରକାରଙ୍କ ଦ୍ୱାରା ଗାନ୍ଧୀ ଶାନ୍ତି ପୁରସ୍କାର ଏକ ବାର୍ଷିକ ପୁରସ୍କାର ଭାବେ ଆରମ୍ଭ କରାଯାଇଥିଲା। ଜାତୀୟତା, ବର୍ଗ, ଭାଷା, ଜାତି, ଧର୍ମ କିମ୍ବା ଲିଙ୍ଗ ନିର୍ବିଶେଷରେ ଏହି ପୁରସ୍କାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଅଟେ।

ଗାନ୍ଧୀ ଶାନ୍ତି ପୁରସ୍କାର ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ଜୁରିରେ ଦୁଇଜଣ ଏକ୍ସ ଅଫିସିଓ ସଦସ୍ୟ ଅଛନ୍ତି, ଯଥା ଭାରତର ପ୍ରଧାନ ବିଚାରପତି ଏବଂ ଲୋକସଭାର ଏକକ ବୃହତ ବିରୋଧୀ ଦଳର ନେତା। ଦୁଇଜଣ ବିଶିଷ୍ଟ ସଦସ୍ୟ ମଧ୍ୟ ଜୁରିର ଅଂଶ ଅଟନ୍ତି, ଯଥା ଲୋକସଭା ବାଚସ୍ପତି ଶ୍ରୀ ଓମ ବିର୍ଲା ଏବଂ ସୁଲଭ ଆନ୍ତର୍ଜାତୀୟ ସାମାଜିକ ସେବା ସଂଗଠନର ପ୍ରତିଷ୍ଠାତା ଶ୍ରୀ ବିନ୍ଦେଶ୍ୱର ପାଠକ।

19 ମାର୍ଚ୍ଚ 2021 ରେ ଜୁରିର ବୈଠକ ବସିଥିଲା ଏବଂ ବିଚାର ବିମର୍ଷ ପରେ ଓମାନର ସ୍ୱର୍ଗୀୟ ମହାରାଜା ସୁଲତାନ କାବୁସ୍ ବିନ୍ ସୟଦ ଅଲ ସୟଦଙ୍କୁ ଅହିଂସା ତଥା ଗାନ୍ଧୀଙ୍କ ଅନ୍ୟାନ୍ୟ ବିଚାରଧାରା ମାଧ୍ୟମରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ପରିବର୍ତ୍ତନ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ତାଙ୍କୁ 2019 ବର୍ଷ ପାଇଁ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା।

ତାଞ୍ଜାନିଆର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଜୁଲିୟସ୍ ନିରେରେ, ଜର୍ମାନୀର ଡକ୍ଟର ଗେର୍ହାଡ଼ ଫିସର, ରାମକୃଷ୍ଣ ମିଶନ, ବାବା ଆମ୍ଟେ (ଶ୍ରୀ ମୁରଲିଧର ଦେବିଦାସ ଆମ୍ଟେ), ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗୀୟ ଡକ୍ଟର ନେଲସନ ମଣ୍ଡେଲା, ବାଙ୍ଗଲାଦେଶ ଗ୍ରାମୀଣ ବ୍ୟାଙ୍କ, ଦକ୍ଷିଣ ଆଫ୍ରିକାର ଆର୍କବିଶପ୍ ଡେସମଣ୍ଡ ଟୁଟୁ, ଶ୍ରୀ ଚଣ୍ଡି ପ୍ରସାଦ ଭଟ୍ଟ ଏବଂ ଭାରତୀୟ ମହାକାଶ ଗବେଷଣା ସଂଗଠନକୁ ଅତୀତରେ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ପ୍ରତି ଭାରତର ବିବେକାନନ୍ଦ କେନ୍ଦ୍ର (2015); ଭାରତର ଅକ୍ଷୟ ପାତ୍ର ଫାଉଣ୍ଡେସନ ଏବଂ ସୁଲଭ ଇଣ୍ଟରନ୍ୟାସନାଲ୍ (ମିଳିତ ଭାବରେ, 2016); ଭାରତର ଏକଲ ଅଭିଯାନ ଟ୍ରଷ୍ଟ (2017); ଏବଂ ଜାପାନର ଶ୍ରୀ ୟୋହି ସାସାକାୱା (2018) ଏହି ପୁରସ୍କାର ପ୍ରାପ୍ତ କରିଛନ୍ତି।

ଏହି ପୁରସ୍କାର ବାବଦରେ 1 କୋଟି ଟଙ୍କାର ରାଶି ସହିତ ଏକ ମାନପତ୍ର, ଏକ ଫଳକ ଏବଂ ଅତି ସୁନ୍ଦର ପାରମ୍ପାରିକ ହସ୍ତକଳା କିମ୍ବା ହସ୍ତଶିଳ୍ପ ବସ୍ତୁ ପ୍ରଦାନ କରାଯାଇଥାଏ।

ମହାରାଜା ସୁଲତାନ କାବୁସ୍ ଜଣେ ଦୂରଦୃଷ୍ଟି ସମ୍ପନ୍ନ ନେତା ଥିଲେ ଯାହାଙ୍କର ଆନ୍ତର୍ଜାତୀୟ ସମସ୍ୟାର ସମାଧାନରେ ସଞ୍ଜମ ଏବଂ ମଧ୍ୟସ୍ଥତାର ଯୁଗ୍ମ ନୀତି ତାଙ୍କୁ ସମଗ୍ର ବିଶ୍ୱରେ ପ୍ରଶଂସା ଓ ସମ୍ମାନ ପ୍ରଦାନ କରିଥିଲା। ବିଭିନ୍ନ ଆଞ୍ଚଳିକ ବିବାଦ ଏବଂ ସଂଘର୍ଷରେ ଶାନ୍ତି ପ୍ରୟାସକୁ ସମର୍ଥନ କରିବାରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମହାରାଜା ସୁଲତାନ କାବୁସ ଭାରତ ଏବଂ ଓମାନ ମଧ୍ୟରେ ଥିବା ବିଶେଷ ସମ୍ପର୍କର ସ୍ଥପତି ଥିଲେ। ସେ ଭାରତରେ ଅଧ୍ୟୟନ କରିଥିଲେ ଏବଂ ଭାରତ ସହିତ ସର୍ବଦା ଏକ ବିଶେଷ ସମ୍ପର୍କ ବଜାୟ ରଖିଥିଲେ। ତାଙ୍କ

ନେତୃତ୍ୱରେ ଭାରତ ଏବଂ ଓମାନ ରଣନୀତିକ ଭାଗିଦାର ହେଲେ ଏବଂ ଆମର ପାରସ୍ପରିକ ଲାଭଦାୟକ ତଥା ବ୍ୟାପକ ସହଭାଗିତା ମଜବୁତ ହେଲା ଏବଂ ନୂତନ ଶିଖର ଛୁଇଁଲା।

ମହାରାଜା ସୁଲତାନ କାବୁସଙ୍କ ନିଧନ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତ-ଓମାନ ସମ୍ପର୍କକୁ ମହାରାଜା ସୁଲତାନ କାବୁସଙ୍କ ଅବଦାନ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ସେ "ଭାରତର ପ୍ରକୃତ ବନ୍ଧୁ ଥିଲେ ଏବଂ ଭାରତ ଓ ଓମାନ ମଧ୍ୟରେ ରଣନୀତିକ ଭାଗିଦାରୀ ପାଇଁ ଦୃଢ ନେତୃତ୍ୱ ପ୍ରଦାନ କରିଥିଲେ"। ପ୍ରଧାନମନ୍ତ୍ରୀ ତାଙ୍କୁ "ଦୂରଦୃଷ୍ଟି ସମ୍ପନ୍ନ ନେତା" ତଥା "ଆମ ଅଞ୍ଚଳ ତଥା ବିଶ୍ୱ ପାଇଁ ଶାନ୍ତିର ଆଲୋକ" ଭାବରେ ସ୍ମରଣ କରିଥିଲେ।

ଭାରତ ଏବଂ ଓମାନ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ଏବଂ ଗଲ୍ଫ ଅଞ୍ଚଳରେ ଶାନ୍ତି ଏବଂ ଅହିଂସାକୁ ପ୍ରୋତ୍ସାହିତ କରିବାକୁ ସ୍ୱର୍ଗୀୟ ମହାରାଜା ସୁଲତାନ କାବୁସ୍ ବିନ୍ ସୟଦଙ୍କର ଉଦ୍ୟମକୁ ଗାନ୍ଧୀ ଶାନ୍ତି ପୁରସ୍କାର ସ୍ୱୀକୃତି ଦେଉଛି।

**ନୂଆଦିଲ୍ଲୀ**

**ମାର୍ଚ୍ଚ 22, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.